ନବଉତ୍କଳର ଅନ୍ୟତମ ନିର୍ମାତା

ଚନ୍ଦ୍ରଶେଖର ବେହେରା

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର

ଓଡ଼ିଶା, ଭୁବନେଶ୍ୱର

Digitized by srujanika@gmail.com

ନବଉତ୍କଳର ଅନ୍ୟତମ ନିର୍ମାତା

ଚନ୍ଦ୍ରଶେଖର ବେହେରା

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଭୁବନେଶ୍ୱର

Digitized by srujanika@gmail.com

ନବଉତ୍କଳର ଅନ୍ୟତମ ନିର୍ମାତା : ଚନ୍ଦ୍ରଶେଖର ବେହେରା

ଲେଖକ : ପ୍ରଫେସର ଜଗନ୍ନାଥ ମହାନ୍ତି

ପୁନଃ ମୁଦ୍ରଣ ୨୦୦୨

ପ୍ରକାଶକ : ନିର୍ଦ୍ଦେଶକ,
ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା,
ଭୁବନେଶ୍ୱର - ୭୫୧ ୦୦୧

ପ୍ରକାଶନ ସଂଖ୍ୟା ଏସ୍. ଆର୍. ସି. - ୨୩୯ - ୪୦/୯୮

ମୁଦ୍ରଣ ସଂଖ୍ୟା ୨,୦୦୦

ମୁଦ୍ରଣ ମାଁ କାଳୀ ଷ୍ଟେସନାରୀ ୱାର୍କସ୍
ଲକ୍ଷ୍ମୀସାଗର, ରିଫ୍ୟୁଜୀ କଲୋନୀ,
କଟକ ରୋଡ୍, ଭୁବନେଶ୍ୱର -୬

ମୂଲ୍ୟ : ଟ ୩.୦୦ ମାତ୍ର

NABA UTKALARA NIRMATA : CHANDRASEKHAR BEHERA

Written by : Prof. Jagarnath Mohanty
Re-Print : 2002
Published by : Director, SRC for A.E., Orissa,
Janasiksha Bhawan
Unit - 5, Bhubaneswar - 751 001
Publication No. - SRC - 239 - 40 / 98
Copies Printed - 2,000
Printed by - Maa Kali Stationery Works
Laxmisagar, Refugee Colony, Cuttack Road,
Bhubaneswar - 751 006
Price - Rs. 3.00 only

Digitized by srujanika@gmail.com

ପ୍ରାୟ ଏକଶହ ବର୍ଷ ତଳର କଥା । ସେତେବେଳେ ଇଂରେଜମାନେ ଏ ଦେଶକୁ ଶାସନ କରୁଥିଲେ । ସେତେବେଳେ ଓଡ଼ିଶାର ସ୍ୱତନ୍ତ୍ର ରାଜ୍ୟ ଗଠିତ ହୋଇ ନଥିଲା । ସମ୍ବଲପୁର ଅଞ୍ଚଳ ମଧ୍ୟପ୍ରଦେଶ ସହିତ ମିଶିକରିଥିଲା । ନାଗପୁରଠାରେ ଥିଲା ସେଇ ପ୍ରଦେଶର ରାଜଧାନୀ ।

୧୮୯୧ ମସିହା । ସମ୍ବଲପୁର ଜିଲ୍ଲା ସ୍କୁଲରୁ ଏଣ୍ଟ୍ରାନ୍‌ସ (ଆଜିର ମାଟ୍ରିକ ବା ହାଇସ୍କୁଲ) ପରୀକ୍ଷାରେ ପାସ କଲେ ଜଣେ ଛାତ୍ର । ସେ ଯେମିତି ଭଲ ପାଠ ପଢୁଥିଲେ, ସେମିତି ସେ ଥିଲେ ଖୁବ୍ ସାହସୀ । ସବୁଠାରୁ ବେଶି ନମ୍ବର ରଖିଥିବାରୁ କେତେଦିନ ପରେ ସେ ସେଇ ସ୍କୁଲର ଶିକ୍ଷକ ଭାବରେ ମୁକରିର ହୋଇଥିଲେ । ଏହି ଛାତ୍ରଙ୍କ ନାମ ହେଉଛି ଚନ୍ଦ୍ରଶେଖର ବେହେରା । ମାତ୍ର ତାଙ୍କର ଇଚ୍ଛାଥିଲା ସେ ଅଧିକ ପାଠ ପଢ଼ିବେ । ଦିନେ ପ୍ରଧାନ ଶିକ୍ଷକଙ୍କ

Digitized by srujanika@gmail.com

ଟାଣ କଥାକୁ ସେ ସହି ନପାରି ସେ ଶିକ୍ଷକତା ଚାକିରି ଛାଡ଼ିଦେଲେ । ଏହି ସମୟରେ ସେ ନାଗପୁର ଠାରେ ଥିବା ପ୍ରଧାନ ସରକାରୀ ଅଫିସ୍ ସେକ୍ରେଟେରୀଏଟ୍ ବା ସଚିବାଳୟରେ କିରାଣୀ ଚାକିରିଟିଏ ପାଇଥିଲେ । ନାଗପୁରରେ ରହି ସେ ଅଧିକ ପାଠ ପଢ଼ିଲେ । ସେତେବେଳର ଏଫ୍.ଏ (ଆଜିର +୨) ଓ ତା'ପରେ ବି.ଏ. ପାସ୍ କଲେ । ତା ସହିତ ସେ ଆଇନ ପରୀକ୍ଷାରେ ମଧ୍ୟ ପାସ୍ କରିଥିଲେ । ସେତେବେଳେ ସମ୍ବଲପୁର ଅଞ୍ଚଳରେ ଆଉ କେଉଁ ଓଡ଼ିଆ ଏତେ ପାଠ ପଢ଼ି ନ ଥିଲେ । ତେଣୁ ସବୁଆଡ଼େ ତାଙ୍କ ନାଁ ଜଣାଶୁଣା ହୋଇଗଲା ।

ସମ୍ବଲପୁର ଭାଷା ଆନ୍ଦୋଳନ

୧୮୯୪ ମସିହାର କଥା । ସେ ଦିନେ ଅଫିସରୁ ଜାଣିବାକୁ ପାଇଲେ ଯେ, ସମ୍ବଲପୁର ଜିଲ୍ଲାର ସବୁ ଅଫିସରୁ ଓଡ଼ିଆ ଉଠିଯିବ । ସ୍କୁଲକଲେଜରେ ଆଉ ଓଡ଼ିଆ ଭାଷା ଶିକ୍ଷା ଦିଆଯିବ ନାହିଁ । ତା ବଦଳରେ ହିନ୍ଦୀ ଭାଷା ସରକାରୀ ଅଫିସମାନଙ୍କରେ ଚଳିବ । ଛାତ୍ରଛାତ୍ରୀମାନେ ହିନ୍ଦୀଭାଷା ଶିକ୍ଷା କରିବାକୁ ବାଧ୍ୟ ହେବେ ।

ଏକଥାକୁ ଚନ୍ଦ୍ରଶେଖରଙ୍କ ପରି ସାହସୀ ଓ ସ୍ୱାଧୀନଚେତା ଯୁବକ ସହିବା ଅସମ୍ଭବ । ତାଙ୍କର ରକ୍ତ ତାତି ଉଠିଲା । ମାତୃଭାଷା ଓଡ଼ିଆର ଏମିତି ଅପମାନ ସେ ସହିପାରିଲେ ନାହିଁ । ସେ ଶୀଘ୍ର ସମ୍ବଲପୁରକୁ ଆସି ସବୁ ମୁଖିଆ ଲୋକ ଓ ବନ୍ଧୁମାନଙ୍କୁ ଏକଥା ଜଣାଇଦେଲେ । ସମ୍ବଲପୁର ସହର ଓ ଗାଁଗଣ୍ଡାରେ ଏ ବିଷୟ ବିଜୁଳି ବେଗରେ ଖେଳିଗଲା ।

Digitized by srujanika@gmail.com

ଠାଏ ଠାଏ ସଭା ହେଲା । ଲୋକମାନେ ଇଂରେଜ ସରକାରଙ୍କ ଏଇ ନୀତି ବିରୋଧରେ ପ୍ରତିବାଦ କଲେ। ଏପରି ଲୋକବିରୋଧୀ ଓ ଓଡ଼ିଆ ସଂସ୍କୃତି ବିରୋଧୀ କାର୍ଯ୍ୟର ଘୋର ନିନ୍ଦା କରାଗଲା। ସମ୍ବଲପୁର ଅଞ୍ଚଳରେ ଓଡ଼ିଆ ଭାଷା ଆନ୍ଦୋଳନ ବଣର ନିଆଁପରି ଖେଳିଗଲା। ବିଭିନ୍ନ ଜାଗାରେ ଲୋକମାନେ ଠୁଳ ହେଲେ। ନିଜନିଜ ଭିତରେ ଆଲୋଚନା କଲେ। ଇଂରେଜ ସରକାରଙ୍କ କାର୍ଯ୍ୟ ବିରୋଧରେ ନିଜର ଆପତ୍ତି ଜଣାଇଲେ।

ଚନ୍ଦ୍ରଶେଖରଙ୍କ ବୟସ ସେତେବେଳେ ମାତ୍ର ୨୩ ବର୍ଷ। ସମ୍ବଲପୁର ସହରଠାରୁ ଅଳ୍ପ ଦୂରରେ ଧନକଉଡ଼ା ଗାଁ। ୧୮୭୩ ମସିହାରେ ସେ ଏଇ ଗାଆଁରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ପଦ୍ମନାଭ ବେହେରା ଓ ମାତା ଥିଲେ ପ୍ରତିମା ଦେବୀ। ସେ ପିଲାଦିନୁ ନିଜର ଅଜାଙ୍କ ଘରକୁ ପୋଷିଆଁ ପୁଅ ହୋଇ ଯାଇଥିଲେ। ଅଜାଙ୍କ ଘର ଥିଲା ସମ୍ବଲପୁର ସହର ମଝିରେ। ସେଠାରେ ଥିବା ଗୁରୁପଡ଼ା ପ୍ରାଥମିକ ବିଦ୍ୟାଳୟରେ ସେ ପ୍ରଥମେ ପଢ଼ିଥିଲେ। ଏହି ବିଦ୍ୟାଳୟରୁ ସେ ପ୍ରାଥମିକ ଶିକ୍ଷା ଶେଷ କରିଥିଲେ।

ଏବେ ଯେଉଁଠି ସମ୍ବଲପୁର ଲେଡି ଲୁଇସ ହାଇସ୍କୁଲ ଅଛି, ସେତେବେଳେ ସେଇଠି ଥିଲା ସମ୍ବଲପୁର ଜିଲ୍ଲା ସ୍କୁଲ। ତା'ପରେ ଚନ୍ଦ୍ରଶେଖର ସେଠାରେ ପଢ଼ିଲେ। ଅତି ଭଲ ନମ୍ବର ରଖି ସେ ମାଧ୍ୟମିକ ଶିକ୍ଷା ଶେଷ କରିଥିଲେ। ୧୮୯୧ ମସିହାରେ ସେଇ

Digitized by srujanika@gmail.com

ସ୍କୁଲ୍‌ରୁ ମାତ୍ର ତିନିଜଣ ପିଲା ପାସ୍ କରିଥିଲେ। ସେମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ପ୍ରଥମ ହୋଇଥିଲେ।

ସେତେବେଳେ ପୁଅଝିଅମାନେ ସାନବେଳୁ ବାହା ହେଉଥିଲେ। ସେଇ ବାଲ୍ୟବିବାହ ପ୍ରଥା ଅନୁସାରେ ଚନ୍ଦ୍ରଶେଖର ସମ୍ବଲପୁର ଅଞ୍ଚଳରେ ଖୁବ ଜଣାଶୁଣା ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ବଡ଼ ଭଉଣୀ ରୁକ୍ମିଣୀଙ୍କୁ ବିବାହ କରିଥିଲେ। ତାହାଥିଲା ୧୮୮୪ ମସିହାର ଘଟଣା। ସେତେବେଳେ ତାଙ୍କର ବୟସ ଥିଲା ମାତ୍ର ଏଗାର ବର୍ଷ ।

ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ସମ୍ବଲପୁରରେ ଆନ୍ଦୋଳନ ହୋଇଥିଲା। ସେତେବେଳେ ଏଥିରେ ଯେଉଁମାନେ ଆଗୁଆ ହୋଇ ବାହାରିଥିଲେ, ସେମାନଙ୍କ ମଧ୍ୟରେ ଥିଲେ ଚନ୍ଦ୍ରଶେଖର, ସତ୍ୟବାଦୀ ପାଢ଼ୀ, ଶ୍ରୀପତି ମିଶ୍ର, ବ୍ରଜ ମୋହନ ପଟ୍ଟନାୟକ ଓ ଧରଣୀଧର ମିଶ୍ର। ଏହି ଆନ୍ଦୋଳନ ଖୁବ୍ ତେଜି ଉଠିଥିଲା। ମାତୃଭାଷାକୁ ବଞ୍ଚାଇବା ପାଇଁ ସମ୍ବଲପୁରବାସୀମାନେ ଅଣ୍ଟାଭିଡ଼ି ବାହାରିଲେ। ଏଇ ସମୟରେ ଯୁବକ ଚନ୍ଦ୍ରଶେଖର ସମ୍ବଲପୁରରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ତାଙ୍କ କଥାବାର୍ତ୍ତାରେ ଥିଲା ଖୁବ୍ ଦୃଢ଼ତା ଓ ସ୍ପଷ୍ଟବାଦିତା। ତାଙ୍କ ଭାଷଣ ସଭିଁରି ମନକୁ କିଣି ନେଉଥିଲା। ଶିରା ପ୍ରଶିରାରେ ଖେଳିଯାଉଥିଲା ଗରମ ରକ୍ତ।

ଚନ୍ଦ୍ରଶେଖରଙ୍କ କଥାରେ ସମସ୍ତେ ମୁଗ୍ଧ ହୋଇଯାଉଥିଲେ। ତାଙ୍କର କାର୍ଯ୍ୟନିଷ୍ଠା ଓ ଓଡ଼ିଆ ଭାଷା ପ୍ରତି ଆଦର ସମସ୍ତଙ୍କୁ ପ୍ରଭାବିତ କରିଥିଲା। ସାରା ସମ୍ବଲପୁର

Digitized by srujanika@gmail.com

ସହରରେ ତାଙ୍କର ଲୋକପ୍ରିୟତା ଖୁବ୍ ବଢ଼ିଯାଇଥିଲା ।

୧୮୯୪ ମସିହା ଅକ୍ଟୋବର ୩ ତାରିଖ । "ସମ୍ବଲପୁର ହିତୈଷିଣୀ" ପତ୍ରିକାରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କର ଗୋଟିଏ କବିତା ପ୍ରକାଶ ପାଇଥିଲା । ସେଥିରେ ସେ ତାଙ୍କର ମନଦୁଃଖକୁ ପ୍ରକାଶ କରି ଲେଖିଥିଲେ ।

"ହିନ୍ଦୀ ସରସ୍ୱତୀ ମୋ ଛାତିରେ ବସି
କରିବ ପରା ରାଜତ୍ୱ
ମୋ ଆଶା କାନନ ଭସ୍ମ ରାଶି ହେବ
ତା'ନବ ଉଦ୍ୟାନେ ଖତ ।
ଉପମାତା ଆସି ଗର୍ଭ ଧାରିଣୀର
ମସ୍ତକେ ଚରଣ ଦେବ ।
ଏଦଶା ଦେଖିଲେ କେଉଁ ସନ୍ତାନର
ମନରେ ଦୁଃଖ ନ ହେବ ? "

ସେତେବେଳେ ମଧ୍ୟପ୍ରଦେଶର ଚିଫ୍ କମିଶନର ଥିଲେ ସାର୍ ଜନ୍ ଉଡବର୍ଣ୍ଣ । ତା ପରବର୍ଷ ଜାନୁଯାରୀ ପହିଲାରୁ ସମ୍ବଲପୁର ଅଞ୍ଚଳରେ ଓଡ଼ିଆ ଭାଷା ବଦଳରେ ହିନ୍ଦୀ ସରକାରୀ ଭାଷାରୂପେ ବ୍ୟବହୃତ ହେବ ବୋଲି ଘୋଷଣା ପ୍ରକାଶ ପାଇଲା । ଏହି ସମ୍ବାଦ ୧୮୯୫ ମସିହା ଜାନୁଯାରୀ ୩୦ ତାରିଖ "ସମ୍ବଲପୁର ହିତୈଷିଣୀରେ" ବାହାରିଲା । ଏହି ଖବର ସାରା ସମ୍ବଲପୁର ଅଞ୍ଚଳରେ ଏକ ଚହଳ ପକାଇଦେଲା ।

ମଧ୍ୟପ୍ରଦେଶ ସରକାରଙ୍କ ଓଡ଼ିଆ ବିରୋଧୀ ନୀତି ବିରୋଧରେ

Digitized by srujanika@gmail.com

ପ୍ରବଳ ଜନ ଆନ୍ଦୋଳନ ଆରମ୍ଭ ହୋଇଗଲା । ବିଭିନ୍ନ ସ୍ଥାନରେ ସଭାସମିତି କରାଯାଇ ଏହି ନୀତି ବିରୋଧରେ ପ୍ରସ୍ତାବ ଗ୍ରହଣ କରାଗଲା । "ସମ୍ବଲପୁର ହିତୈଷିଣୀ" ଓ "ଉତ୍କଳ ଦୀପିକା" ଆଦି ପତ୍ରିକାଗୁଡ଼ିକରେ ଏ ସମ୍ପର୍କରେ ବହୁ ସମ୍ବାଦ ଓ ଲେଖା ପ୍ରକାଶିତ ହେଲା । ଇଂରେଜ ସରକାରଙ୍କୁ ପ୍ରତିବାଦପତ୍ରମାନ ଦିଆଗଲା । ମୁଖ୍ୟତଃ ୩ଟି ଦାବି ସେଥିରେ କରାଗଲା । ପ୍ରଥମଟି - ଓଡ଼ିଆ ବଦଳରେ ହିନ୍ଦୀ ଚଳିଲେ ଜନସାଧାରଣଙ୍କ ମନରେ ଭୟ ଓ ଦୁଃଖ ଜାତ ହେଉଛି । ତେଣୁ ଓଡ଼ିଆ ଭାଷା ଚାଲୁ ରହିବା ଦରକାର । ଦ୍ୱିତୀୟ- ଯଦି ପ୍ରଥମ ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ମଧ୍ୟପ୍ରଦେଶ ସରକାରଙ୍କ ପକ୍ଷେ ଅସୁବିଧା ହୁଏ, ତେବେ ଓଡ଼ିଶା ଡିଭିଜନ ସହିତ ସମ୍ବଲପୁରର ସମ୍ମିଶ୍ରଣ ହେଉ । ତୃତୀୟ-ସମ୍ବଲପୁର ଡେପୁଟି କମିଶନରଙ୍କ ଜରିଆରେ ଭାରତ ସରକାରଙ୍କୁ ଏକ ସ୍ମାରକପତ୍ର ଦିଆଯାଇ ଲୋକଙ୍କ ଆପତ୍ତି ଜଣାଇ ଦିଆଯାଉ ।

ଓଡ଼ିଶାର ଅନ୍ୟ ଅଞ୍ଚଳରେ ମଧ୍ୟ ଏହି ଆପତ୍ତିର ପ୍ରତିଧ୍ୱନି ଶୁଣାଗଲା । ଓଡ଼ିଆ ନେତାମାନଙ୍କ ମଧ୍ୟରେ ମଧୁବାବୁ ଓ ଗୌରୀଶଙ୍କର ରାୟ ଏହି ଆନ୍ଦୋଳନକୁ ସବୁ ପ୍ରକାର ସାହାଯ୍ୟ ଓ ଉତ୍ସାହ ଦେଲେ । ଏମିତିକି ସମ୍ବଲପୁର ମିସନାରୀ ଫାଦର ଏଥିରେ ଖୁବ୍ ସହଯୋଗ କରିଥିଲେ । ସଭାରେ ସେ ସରକାରଙ୍କ ନୀତିକୁ ନିନ୍ଦା କରିଥିଲେ ।

କଟକରେ ୧୮୯୫ ମସିହା ମଇ ମାସ ୩ ତାରିଖରେ ମଧୁବାବୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।

Digitized by srujanika@gmail.com



ସେଥିରେ ବହୁ ବକ୍ତା ଇଂରେଜ ସରକାରଙ୍କ ଏହି କାର୍ଯ୍ୟକୁ ସମାଲୋଚନା କରିଥିଲେ । ମଧୁବାବୁ ଉଡ୍‌ବର୍ଣ୍ଣ ସାହେବଙ୍କ ଆଦେଶନାମାକୁ ଭୁଲ ବୋଲି କହି ନିନ୍ଦା କଲେ । କଲିକତାରେ ପ୍ରକାଶ ପାଉଥିବା ଇଂରେଜୀ କାଗଜ ଷ୍ଟେଟ୍‌ସମ୍ୟାନ୍‌ରେ ସେ ଏହାକୁ ରଦ୍ଦ କରିବା ପାଇଁ ଦାବି କରି ଲେଖା ପ୍ରକାଶ କରିଥିଲେ ।

Digitized by srujanika@gmail.com

ଧରଣୀଧର ମିଶ୍ର ଓ ଚନ୍ଦ୍ରଶେଖର ବେହେରାଙ୍କ ନେତୃତ୍ୱରେ ସମ୍ବଲପୁରର ବିଭିନ୍ନ ସ୍ଥାନରେ ସଭା ହୋଇଥିଲା । ଜିଲ୍ଲାପାଳଙ୍କୁ ପ୍ରତିବାଦ ପତ୍ର ଦିଆଗଲା । ଶୀଘ୍ର ଏହି ଆଦେଶନାମା ରଦ୍ଦ କରିବାକୁ ଦାବି କରାଗଲା । ଜନ ସାଧାରଣଙ୍କ ଠାରୁ ଚାନ୍ଦା ଆଦାୟ କରାଯାଇ ଓଡ଼ିଆ ଓ ଇଂରେଜିରେ ଦାବିପତ୍ର ଏବଂ ନିବେଦନ ପତ୍ର ଛପାଗଲା । ବହୁ ସଂଖ୍ୟାରେ ଲୋକଙ୍କଠାରୁ ସ୍ୱାକ୍ଷର ସଂଗ୍ରହ କରାଗଲା । ସମ୍ବଲପୁର ଅଞ୍ଚଳରୁ ହିନ୍ଦୀ ଉଠାଇଦେବା ଆଉ ଓଡ଼ିଶା ସହିତ ସମ୍ବଲପୁର ଅଞ୍ଚଳକୁ ମିଶାଇବା ପାଇଁ ପ୍ରବଳ ଦାବି ହେଲା ।

ଇଂରେଜ ସରକାର ଏହି ଆନ୍ଦୋଳନକୁ ଦବାଇ ଦେବାକୁ ଲୋକଙ୍କ ଉପରେ ନାନାପ୍ରକାର ଚାପ ପକାଇଲେ । ମାତ୍ର ଲୋକମାନଙ୍କ ଉତ୍ସାହ କ୍ରମେ ବଢ଼ିବାରେ ଲାଗିଲା । ମଧୁବାବୁ ବିଲାତ ଯାତ୍ରା କଲେ । ତାଙ୍କୁ ସମ୍ବଲପୁରର ପ୍ରତିନିଧି ଭାବରେ ମନୋନୀତ କରାଗଲା ।

୧୯୦୧ ମସିହାରେ ଫ୍ରେଜର୍ ସାହେବ ମଧ୍ୟପ୍ରଦେଶର ଚିଫ୍ କମିଶନର ଭାବେ ଯୋଗଦେଲେ । ସେ ସମ୍ବଲପୁର ଲୋକମାନଙ୍କ ସମସ୍ୟା ଭଲ ଭାବରେ ବୁଝିଥିଲେ । ସମ୍ବଲପୁର ଅଞ୍ଚଳରେ ଓଡ଼ିଆ ଭାଷାର ଆଦର କଥା ସେ ଜାଣିଥିଲେ । ସମ୍ବଲପୁରର ନେତାମାନେ ନାଗପୁରକୁ ଯାଇ ଫ୍ରେଜର ସାହେବଙ୍କୁ ଭେଟି ସବୁ କଥା ଜଣାଇଲେ । ଏମିତିକି ବଡ଼ଲାଟ୍ କର୍ଜନଙ୍କୁ ଭେଟିବା ପାଇଁ ବହୁ ବାଧାବିଘ୍ନ ମଧ୍ୟରେ ସେମାନେ ସିମଲା ଯାଇଥିଲେ ।

Digitized by srujanika@gmail.com

ମଧୁବାବୁଙ୍କୁ ଏହି ପ୍ରତିନିଧି ଦଳରେ ମୁଖ୍ୟ ଭାବରେ ଯିବା ପାଇଁ ଠିକ୍ କରି ଏକ ତାରବାର୍ତ୍ତା ପଠାଯାଇଥିଲା । ମାତ୍ର ଏହି ଅନୁରୋଧ ପତ୍ର ମଧୁବାବୁ ଯଥା ସମୟରେ ପାଇ ପାରି ନ ଥିଲେ । ତେଣୁ ସେ ସିମଳା ଠିକଣାରେ ବଡ଼ଲାଟ୍ କର୍ଜନ ସାହେବଙ୍କ ପାଖକୁ ଗୋଟିଏ ଲମ୍ବା ତାରବାର୍ତ୍ତା ପଠାଇଥିଲେ । ଏଇ ତାରବାର୍ତ୍ତା ପଠାଇବାରେ ସେତେବେଳେ ୬୦ ଟଙ୍କା ମଧୁବାବୁ ଖର୍ଚ୍ଚ କରିଥିଲେ । ଏଇ ତାରବାର୍ତ୍ତାଟି ''ଉତ୍କଳ ଦୀପିକା''ର ତା ୧୯-୮-୧୯୦୧ ସଂଖ୍ୟାରେ ଛପାଯାଇଥିଲା । ସେଥିରେ ମଧୁବାବୁ ଲେଖିଥିଲେ ଯେ, ଓଡ଼ିଆ ଭାଷାକୁ ଉଠାଇଦେବା ଓଡ଼ିଆ ଜାତି ବିରୋଧୀ । ଶୀଘ୍ର ଏହି ସମ୍ପର୍କୀୟ ସରକାରୀ ଆଦେଶକୁ ରଦ୍ଦ କରିବାକୁ ସେ ଅନୁରୋଧ କରିଥିଲେ । ସାରା ଓଡ଼ିଆ ଜାତି ସମ୍ବଲପୁର ଅଧିବାସୀମାନଙ୍କ ପଛରେ ଅଛନ୍ତି ବୋଲି ସେ ଜଣାଇ ଦେଲେ । ସମ୍ବଲପୁରରେ ଓଡ଼ିଆ ଭାଷା ଆନ୍ଦୋଳନ ହେଉଛି ଓଡ଼ିଆ ଜାତିର ଆନ୍ଦୋଳନ- ଏକଥା ଜାଣିବା ଇଂରେଜ ସରକାରଙ୍କ ପକ୍ଷେ କଷ୍ଟକର ନ ଥିଲା ।

ହିନ୍ଦି ବଦଳରେ ପୁଣି ଓଡ଼ିଆ ଭାଷା

ବଡ଼ଲାଟମାନଙ୍କ ମଧ୍ୟରେ ସର୍ବପ୍ରଥମେ ଲର୍ଡକର୍ଜନ ହିଁ ଓଡ଼ିଶା ପରିଦର୍ଶନ କରିବାକୁ ଆସିଥିଲେ । ତେଣୁ ଚନ୍ଦ୍ରଶେଖର ଓ ଅନ୍ୟନେତାମାନେ ଆଶା କରିଥିଲେ ଯେ, ବଡ଼ଲାଟ ଏହି ଆପତ୍ତି ଶୁଣିବେ ଓ ଏହାର ପ୍ରତିକାର କରିବେ । ମାତ୍ର ଓଡ଼ିଆ ଜାତି ଓ ସମ୍ବଲପୁର ଲୋକମାନେ ତାଙ୍କଠାରୁ ନ୍ୟାୟ ପାଇନଥିଲେ ।

Digitized by srujanika@gmail.com

ଚନ୍ଦ୍ରଶେଖର ଓ ବୈକୁଣ୍ଠ ନାଥ ପୂଜାରୀଙ୍କ ନେତୃତ୍ୱରେ ସମ୍ବଲପୁର ଅଞ୍ଚଳରେ ଭାଷା ଆନ୍ଦୋଳନ ଖୁବ୍ ଉତ୍କଟ ଆକାର ଧାରଣ କଲା । ଫ୍ରେଜର ସାହେବ ୧୯୦୧ ମସିହା ସେପ୍ଟେମ୍ବର ୨୬ ତାରିଖରେ ନିଜେ ଅଚାନକ ଭାବରେ ସମ୍ବଲପୁର ପରିଦର୍ଶନରେ ଆସିଥିଲେ । ନିଜ ଆଖିରେ ସମ୍ବଲପୁର ଅବସ୍ଥା ଦେଖିବା, ଲୋକମାନଙ୍କ ମତାମତ ନେବା ଓ ସେମାନଙ୍କ ଗୁହାରି ଶୁଣିବାକୁ ସେ ଚାହିଁଲେ । ଯେଉଁଆଡ଼େ ଗଲେ, ସେଠାରେ ହଜାର ହଜାର ଲୋକ ଜମିଯାଇ ସେମାନଙ୍କର ଆପତ୍ତି ଜଣାଇଲେ ।

ସମସ୍ତେ ଏକ ସ୍ୱରରେ ଦାବି କଲେ ସେଇ ଗୋଟିଏ କଥା । "ଶାସନ କ୍ଷେତ୍ରରେ ଓଡ଼ିଆ ଭାଷା ଆଗଭଳି ଚଳୁ । ହିନ୍ଦୀକୁ ହଟାଇ ଦିଆଯାଉ । ଓଡ଼ିଆ ଆମ ମାତୃଭାଷା । ଆମଠୁଁ ତାକୁ ଛଡ଼ାଇ ନିଅନାହିଁ ।" ଚନ୍ଦ୍ରଶେଖରଙ୍କ ଶ୍ରମ ସାର୍ଥକ ହେଲା । ଲୋକମାନଙ୍କ ଆପତ୍ତି ଫ୍ରେଜର୍ ସାହେବ ଭଲ ଭାବରେ ବୁଝିପାରିଲେ । ଶେଷରେ ସରକାରୀ ଚାକିରିରୁ ଚନ୍ଦ୍ରଶେଖର ଇସ୍ତଫା ଦେଲେ । ସ୍ୱାଧୀନ ଭାବରେ ଆଇନ ବ୍ୟବସାୟ ଆରମ୍ଭ କରିଦେଲେ ।

ଫ୍ରେଜର ସାହେବ ସମ୍ବଲପୁର ଲୋକମାନଙ୍କ ହକ୍ ଦାବିକୁ ଇଂରେଜ ସରକାରଙ୍କୁ ଜଣାଇ ଦେଲେ । ଓଡ଼ିଆ ଭାଷାକୁ ସରକାରୀ ଅଫିସରେ ଚଳାଇବା ଓ ଶିକ୍ଷାନୁଷ୍ଠାନମାନଙ୍କରେ ପଢ଼ାଇବା ପାଇଁ ସରକାରଙ୍କୁ ସେ ସୁପାରିଶ କଲେ । ସମ୍ବଲପୁରରେ ଓଡ଼ିଆ ସବୁରି

Digitized by srujanika@gmail.com

ମାତୃଭାଷା ! ହିନ୍ଦୀଭାଷା ଅଧିକାଂଶ ଲୋକ ଜାଣନ୍ତି ନାହିଁ । ସେ ନାନା ପ୍ରମାଣ ଦେଇ ଏ ବିଷୟରେ ରିପୋର୍ଟ ଲେଖିଥିଲେ ।

୧୯୦୩ ମସିହାରେ ଇଂରେଜ ସରକାର ବାଧ୍ୟ ହୋଇ ନିଜର ଆଦେଶକୁ ରଦ୍ଦ କଲେ । ସମ୍ବଲପୁର କୋର୍ଟ କଚେରୀରେ ଓଡ଼ିଆ ଭାଷା ପୁଣି ପ୍ରଚଳିତ ହେଲା । ଓଡ଼ିଆ କର୍ମଚାରୀମାନଙ୍କୁ ହିନ୍ଦୀ ଶିଖିବାକୁ ଆଉ ବାଧ୍ୟ କରାଗଲା ନାହିଁ । ସ୍କୁଲ କଲେଜରେ ମଧ୍ୟ ଓଡ଼ିଆ ଭାଷା ଓ ସାହିତ୍ୟ ଶିକ୍ଷା ଦିଆଗଲା ।

୧୯୦୫ ମସିହା । ସମ୍ବଲପୁର ଅଞ୍ଚଳକୁ ଓଡ଼ିଶା ଡିଭିଜନ ସହିତ ମିଶାଇ ଦିଆଗଲା । ସାରା ସମ୍ବଲପୁର ଅଞ୍ଚଳରେ ଜନ ସାଧାରଣଙ୍କ ଆନନ୍ଦ ଓ ଉତ୍ସାହ କହିଲେ ନ ସରେ ।

୧୯୦୭ ମସିହାରେ ସମ୍ବଲପୁର ପୌରସଭା ନିର୍ବାଚନ ହୋଇଥିଲା । ସେଥିରେ ଚନ୍ଦ୍ରଶେଖର ଜଣେ ପ୍ରାର୍ଥୀ ଥିଲେ । ସେ ଖୁବ୍ ଲୋକପ୍ରିୟ ହୋଇଥିବାରୁ ବହୁମତରେ ଜିଣିଥିଲେ । ପରେ ସେ ସମ୍ବଲପୁର ପୌରସଭାର ଅଧ୍ୟକ୍ଷ ଭାବରେ ମନୋନୀତ ହୋଇ ବହୁ ବର୍ଷପାଇଁ ଏହି ଦାୟିତ୍ୱ ତୁଲାଇଥିଲେ । ଫଳରେ ସେ ସମ୍ବଲପୁର ସହରର ବହୁ ଉନ୍ନତିମୂଳକ କାର୍ଯ୍ୟ କରିପାରିଥିଲେ ।

ଉତ୍କଳ ସମ୍ମିଳନୀର ପୁରୋଧା

୧୯୧୫ ମସିହାରେ ଉତ୍କଳ ସମ୍ମିଳନୀର ଏକ ଅଧିବେଶନ ସମ୍ବଲପୁର ସହରରେ ଅନୁଷ୍ଠିତ ହୋଇଥିଲା । ଚନ୍ଦ୍ରଶେଖର ଏଥିପାଇଁ ସମସ୍ତ ଆୟୋଜନ କରିଥିଲେ । ସେ ମୁଖ୍ୟ ଭୂମିକା ନେଇ ଏହାକୁ ସଫଳ କରିଥିଲେ । ତାଙ୍କର ନିଷ୍ଠାପର ଉଦ୍ୟମ ସବୁରି ଦୃଷ୍ଟି

Digitized by srujanika@gmail.com

ଆକର୍ଷଣ କରିଥିଲା । ଉତ୍କଳ ସମ୍ମିଳନୀକୁ ସେ କଂଗ୍ରେସ କାର୍ଯ୍ୟରେ ସାମିଲ କରିବା ପାଇଁ ଏକ ପ୍ରସ୍ତାବ ଆଣିଥିଲେ । ଏହି ପ୍ରସ୍ତାବକୁ ସମସ୍ତେ ମାନିନେଇଥିଲେ । ସେ ସମ୍ବଲପୁର ଜିଲ୍ଲା କଂଗ୍ରେସର ପ୍ରଥମ ସଭାପତି ହୋଇ ସ୍ୱାଧୀନତା ଆନ୍ଦୋଳନ ଓ ଜାତିଗଠନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ।

୧୯୧୯ ମସିହାରେ ଉତ୍କଳ ସମ୍ମିଳନୀ ପୁରୀଠାରେ ଅନୁଷ୍ଠିତ ହୋଇଥିଲା । ଚନ୍ଦ୍ରଶେଖର ଏଥିରେ ସଭାପତିତ୍ୱ କରିଥିଲେ । ଓଡ଼ିଆ ଭାଷା ଭାଷୀ ସମସ୍ତ ଅଞ୍ଚଳକୁ ଏକାଠି କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାକୁ ଏବଂ ଓଡ଼ିଆ ଜାତିର ଗର୍ବ ଓ ଗୌରବକୁ ବଢ଼ାଇବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ ଜଣାଇଥିଲେ । ତାଙ୍କର କଥା ଓ କାର୍ଯ୍ୟ ସମସ୍ତଙ୍କ ପ୍ରାଣରେ ନୂଆ ଉତ୍ସାହ ଭରି ଦେଇଥିଲା । ୧୯୧୯ ମସିହା ଡିସେମ୍ବର ୨୬ ତାରିଖ ଦିନ ସେ ନିଜ ସଭାପତି ଅଭିଭାଷଣରେ କହିଥିଲେ –

ଭାଇମାନେ,

ଆଜି ଓଡ଼ିଆ ଜାତିର ଏକ ଜାତୀୟ ମହାଯଜ୍ଞରେ ଆପଣମାନେ ମୋତେ ପୁରୋଧା ଭାବରେ ବରଣ କରିଥିବାରୁ, ଏପରି ଗୁରୁ ଦାୟିତ୍ୱ ବହନ କରିବାକୁ ମୁଁ ନିଜକୁ ଉପଯୁକ୍ତ ମନେ କରୁନାହିଁ । ସମ୍ବଲପୁର ଜିଲ୍ଲା ଯେଉଁମାନଙ୍କ ସାହାଯ୍ୟରେ ତା'ର ହରାଇଥିବା ମାତୃଭାଷାକୁ ଫେରି ପାଇଛି, ସେମାନେ ହିଁ ଏହି ସମ୍ମାନର ଅଧିକାରୀ । ତେବେ ମୁଁ ସେମାନଙ୍କର ପ୍ରତିନିଧି ହୋଇ ଏଠାରେ ଦାୟିତ୍ୱ ତୁଲାଇବାକୁ ଯାଉଛି ।

Digitized by srujanika@gmail.com

ମାତୃଭାଷାରେ ମଧ୍ୟ ମୋର ଦୁର୍ବଳତା ରହିଛି । ତା କାରଣ ହେଲା ଆଜି ସିଂହଭୂମ, ମେଦିନୀପୁର, ବିଶାଖାପାଟଣା, ଫୁଲଝର, ରାୟଗଡ଼, ସାରଙ୍ଗଗଡ଼ ଆଦି ଅଞ୍ଚଳର ଓଡ଼ିଆମାନେ ଯେଉଁ ଅସୁବିଧା ଭୋଗ କରୁଛନ୍ତି, ଆମର ସେଇ ଅବସ୍ଥା ହୋଇଥିଲା । ଭାଷା ବିକଳାଙ୍ଗ ହେଲେ ମଣିଷର ଜ୍ଞାନ ପରିପକ୍ୱ ହୁଏ ନାହିଁ । ମୋର ଭାଷାଜ୍ଞାନରେ ସେହି ଅଭାବ ରହିଛି ।

ଓଡ଼ିଶାର ଆକାର ବଡ଼ ହେଲେହେଁ ଏହାକୁ ପ୍ରକୃତିର ଅମାପ ଦାନ ରହିଛି । ଏହାର ନଦୀ, ପର୍ବତ, ବଣଜଙ୍ଗଲ ଖୁବ୍ ଉନ୍ନତ । ଏଠାର ଲୋକମାନେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ବୌଦ୍ଧ ହୋଇଥାନ୍ତୁ, ଆଦିବାସୀ ବା ଆର୍ଯ୍ୟ ହୁଅନ୍ତୁ, ବଙ୍ଗ, କନାଉଜ, ମହାରାଷ୍ଟ୍ର ବା ତୈଲଙ୍ଗ (ଆଜିର ଆନ୍ଧ୍ରପ୍ରଦେଶ)ରୁ ଆସିଥାନ୍ତୁ, ସେମାନେ ସମସ୍ତେ ଓଡ଼ିଆ ବା ଉତ୍କଳୀୟ । ସେମାନେ ଏହି ଭୂଇଁ ଓଡ଼ିଶାର ସୁଖଦୁଃଖର ସାଥୀ । ସେମାନଙ୍କୁ ନେଇ ଏହି ଉତ୍କଳ ସମ୍ମିଳନୀ ଗଢ଼ିଉଠିଛି, ଓଡ଼ିଶା ଶିକ୍ଷା, ଶିଳ୍ପ, ବାଣିଜ୍ୟ ଓ କୃଷି ଆଦି ସବୁ କ୍ଷେତ୍ରରେ ଉନ୍ନତି କରିବ । ଏହାର ଏକତା ଓ ସହଯୋଗ ନିତାନ୍ତ ଦରକାର ।

ଓଡ଼ିଆ ଜାତିର ସଭ୍ୟତା ଖୁବ୍ ପ୍ରାଚୀନ ଓ ଉନ୍ନତ । ପୁରୀ, କୋଣାର୍କ, ଭୁବନେଶ୍ୱର ଆଦି ମନ୍ଦିର ଏହାର ମୂକସାକ୍ଷୀ । ଏହି ସଭ୍ୟତା ଗଙ୍ଗାଠାରୁ ଗୋଦାବରୀ ଯାଏ ବିସ୍ତାର କରିଥିଲା । ବହୁଦୂର ଯାଏ ଏହାର ବିଜୟ ବାନା ଉଡ଼ିଥିଲା । ଏହାର ଭାଷା ଓ ସାହିତ୍ୟ

Digitized by srujanika@gmail.com

ମହାନ୍। ଗାଁ ଗଣ୍ଡାରେ ବି ଧର୍ମଶାସ୍ତ୍ର, ପୁରାଣ, ଭାଗବତ ପାଠ କରାଯାଏ। ଓଡ଼ିଆମାନେ ଯେଉଁଠି ଥା'ନ୍ତୁ ପଛେ ଏଥିପାଇଁ ଗର୍ବ ଅନୁଭବ କରନ୍ତି। ସମସ୍ତଙ୍କୁ ଏକାଠି କରିବା ଉତ୍କଳ ସମ୍ମିଳନୀର ଏକ ପ୍ରଧାନ କାର୍ଯ୍ୟ।

ଶିକ୍ଷାର ଅଭାବ ଅସୁବିଧା ଓଡ଼ିଶାର ଅବନତିର ମୂଳ କାରଣ। ମୁଁ ଦେଖୁଛି ଶିକ୍ଷା ଦିଗରେ ଲୋକଙ୍କର ଆଗ୍ରହ ବଢ଼ିଛି। ଲୋକଙ୍କର ଉଦ୍ୟମରେ ବିଦ୍ୟାଳୟମାନ ବସୁଛି। ମାତ୍ର ଅନେକ ସ୍କୁଲ ପିଲାମାନଙ୍କର ଧୂଳିଘର ପରି ଭଙ୍ଗାଗଢ଼ା ହେଉଛି। ଅର୍ଥର ଅଭାବ ଓ ଲୋକଙ୍କ ଯତ୍ନର ଅଭାବରୁ ସେଗୁଡ଼ିକର ଉନ୍ନତି ହେଉନାହିଁ। ସ୍ତ୍ରୀମାନେ ସବୁ କାର୍ଯ୍ୟରେ ପୁରୁଷର ସହକର୍ମିଣୀ। ସେମାନଙ୍କର ଶିକ୍ଷା ଏକାନ୍ତ ଆବଶ୍ୟକ। ଜାତୀୟ ଶିକ୍ଷାର ପ୍ରସାର ଘଟିବା ଉଚିତ୍।

ସବୁଥାଇ ଓଡ଼ିଶା ଆଜି ପଛରେ ପଡ଼ିଛି। ସାମାଜିକ, ରାଜନୈତିକ, ଅର୍ଥନୈତିକ ଆଦି କ୍ଷେତ୍ରରେ ଓଡ଼ିଆମାନେ ଅନ୍ୟମାନଙ୍କ ଭଳି ଆଗେଇ ନାହାନ୍ତି। ଭାରତୀୟ ଜାତୀୟ କଂଗ୍ରେସରେ ଓଡ଼ିଆମାନଙ୍କର ଅଧିକ ଯୋଗଦାନ ଘଟୁ। ତାହା ହେଲେ ଆମେ ଆମର ଦାବି ଜାତୀୟ ସ୍ତରରେ ରଖିପାରିବା। ଆମେ ନୀରବ ନିଶ୍ଚଳ ହୋଇ ବସିଲେ ଚଳିବ ନାହିଁ।

ଆମ ସମାଜରେ ଅନେକ ଖରାପ ପ୍ରଥା ଚଳିଆସୁଛି। ସେଥିପାଇଁ ଆମ ସମାଜ ରୁଗ୍ଣ ହୋଇ ପଡ଼ିଛି। ଏହା ଆଗେଇ ପାରୁନାହିଁ। ତାକୁ ଆଗ ନିର୍ମଳ କରିବାକୁ ହେବ। ମୁଁ ଆଜି ମାତ୍ର ପାଞ୍ଚୋଟି କଥା ଆପଣମାନଙ୍କ ଆଗରେ ରଖୁଛି। ଏଦିଗରେ ଆଗ

Digitized by srujanika@gmail.com

ଆମ ସମାଜର ସଂସ୍କାର ହେଉ। ସେଗୁଡ଼ିକ ହେଲା –

(କ) ବାଲ୍ୟବିବାହ ଉଠାଇ ଦିଆଯାଉ। ପିଲାମାନଙ୍କ ଶିକ୍ଷାରେ ଏହା ବାଧା ସୃଷ୍ଟି କରୁଛି।

(ଖ) ଭିନ୍ନ ଭିନ୍ନ ଜିଲ୍ଲା ବା ପ୍ରଦେଶ ମଧ୍ୟରେ ବିବାହ ସଂପର୍କ ବଢୁ। ଏହା ଫଳରେ ଗଡ଼ଜାତି, ମୋଗଲବନ୍ଦୀ, କଟକୀ, ସମ୍ବଲପୁରୀ ଆଦି ଭାବ ଦୂର ହେବ।

(ଗ) ସାମାଜିକ ଖର୍ଚ୍ଚ କମ୍ କରାଯାଉ। ବିବାହ, ବ୍ରତ, ଶୁଦ୍ଧ, ଶ୍ରାଦ୍ଧ, ଭୋଜିଭାତରେ ଅଯଥା ଖର୍ଚ୍ଚ କରାଯାଉଛି।

(ଘ) ନୀତି ଓ ଧର୍ମ ଶିକ୍ଷାରେ ପିଲାମାନଙ୍କୁ ଅଧିକ ମଜେଇବା ଉଚିତ୍। ଏହାର ଅଭାବରୁ ସେମାନଙ୍କ ଶିକ୍ଷାରେ ଚରିତ୍ର ଗଠନରେ ଅଭାବ ରହୁଛି।

(ଙ) ତଳଶ୍ରେଣୀର ଲୋକମାନଙ୍କୁ ସମ୍ମାନର ସହିତ ଶିକ୍ଷିତ କରାଯାଉ। ସେମାନଙ୍କ ଶିକ୍ଷାରେ ବହୁ ଅଭାବ ରହୁଛି।

ଭାଇମାନେ,

ଜାତିବର୍ଣ୍ଣ, ଧନ, ମନ ଓ ପଦମର୍ଯ୍ୟାଦାର ଭେଦାଭେଦ ଭୁଲି ଆମେ ଏକଜୁଟ ହେବା ଉଚିତ୍। ଖତକୁଢ଼ରେ ତୁଳସୀ ଗଛଟିଏ ବଢ଼ିଲେ ସୁଦ୍ଧା, ଜଗତର ନାଥଙ୍କ ମଥାଲାଗି ହୋଇଥାଏ। କଥାରେ ଅଛି, "ତୁଳସୀ ପତ୍ରର ସାନବଡ଼ ନାହିଁ।" ଆସ ଭାଇ! ଆମେ ସେମିତି ସାନବଡ଼ ଭେଦଭାବ ଭୁଲି ମାତୃଭୂମିର ସେବା କରିବା।

Digitized by srujanika@gmail.com

ଏହି ଉତ୍କଳ ସମ୍ମିଳନୀ ଜଣଙ୍କର ବା କ୍ଷଣକର ନୁହେଁ। ବାରମାସ ନିଶ୍ଚିନ୍ତ ରହି ବା ଜଣେ ଦୁଇଜଣଙ୍କ ଉପରେ ନିନ୍ଦା ପ୍ରଶଂସାର ବୋଝ ପକାଇ ଦେଇ ବର୍ଷକରେ ଦିନେ ଦୁଇ ଦିନ ମିଳି ହୋ ହା କଲେ, ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ସାଧିତ ହେବ ନାହିଁ। ସମସ୍ତେ ତିଳେତିଳେ ଦାନକରି ଶକ୍ତିମତୀ ଓ ମୂର୍ତ୍ତିମତୀ ମା'ଙ୍କର ସେବା କରି ପାରିବା। ଆମ୍ଭମାନଙ୍କର ଜାତୀୟ ଶତ୍ରୁ ଜଡ଼ତାକୁ ଦୂର କରିପାରିବା।

ଆସଭାଇ, ଏହି ପୁଣ୍ୟଧାମରେ ଆଜି ଆମେ ଶକ୍ତି, ଭକ୍ତି ଓ ପ୍ରୀତିନେଇ ଶପଥ ନେବା। ପୂର୍ବ ପୁରୁଷମାନେ ଆମକୁ ଆଶୀର୍ବାଦ କରିବେ। ଆମର ଅତୀତ ଯେମିତି ଥିଲା ବଡ଼, ଭବିଷ୍ୟତ ସେମିତି ହେବ ବଡ଼। ତେଣୁ କୁହାଯାଏ, "ଯା'ର ଅତୀତ ଅଛି, ତାର ଭବିଷ୍ୟତ ଅଛି।"

ଆମ୍ଭମାନଙ୍କର ଦୃଢ଼ନିଷ୍ଠା ଦେଖିଲେ ଆମ୍ଭର ପୂର୍ବପୁରୁଷମାନେ ଆମ୍ଭମାନଙ୍କ ମୁଣ୍ଡ ଉପରେ ସ୍ୱର୍ଗରୁ ନନ୍ଦନକାନନର ପୁଷ୍ପ ବୃଷ୍ଟି କରିବେ, ଆଶୀର୍ବାଦ କରିବେ ଓ ଶକ୍ତି ଦେବେ। ସେତେବେଳେ ଏକ କୋଟି କଣ୍ଠରେ ବାଜି ଉଠିବ "ଜୟ ଉତ୍କଳ ଜନନୀଙ୍କର ଜୟ", ଉତ୍କଳ ବନପର୍ବତର କନ୍ଦରେ କନ୍ଦରେ ନଦୀ ସମୁଦ୍ରର ବନ୍ଦରେ ବନ୍ଦରେ ପୁରପଲ୍ଲୀର ଅନ୍ଦରେ ଅନ୍ଦରେ ପ୍ରତିହତ ହୋଇ ପ୍ରତିଧ୍ୱନି ଉଠିବ "ଜୟ ଉତ୍କଳ ଜନନୀର ଜୟ।"

ଏହି ଧ୍ୱନି ପୁଣି ବହୁଗୁଣିତ ହୋଇ ହିମାଳୟଠାରୁ କୁମାରିକା ମନ୍ଦିର, ମସ୍‌ଜିଦ ସବୁଠାରେ କୋଟି କୋଟି ନରନାରୀଙ୍କ ହୃଦୟ କନ୍ଦରରେ ଏହା ପ୍ରତିଧ୍ୱନିତ ହେବ। ସମସ୍ତେ ସାନଠାରୁ ବଡ଼ଯାଏ

Digitized by srujanika@gmail.com

ସବୁ ଭାରତୀୟ ଏକସ୍ୱରରେ ଗାଇ ଉଠିବେ "ଜୟ ଭାରତ ମାତାଙ୍କର ଜୟ।"

ଚିତ୍ର-୨

ସ୍ୱାଧୀନତା ଆନ୍ଦୋଳନ

୧୯୨୦ ମସିହା। ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନ ନାଗପୁରରେ ଅନୁଷ୍ଠିତ ହେଲା। ସେଠାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସମ୍ବଲପୁର ଅଞ୍ଚଳରୁ ଚନ୍ଦ୍ରଶେଖରଙ୍କ ନେତୃତ୍ୱରେ

Digitized by srujanika@gmail.com

ବହୁସଂଖ୍ୟାରେ ଲୋକମାନେ ଏଥିରେ ଯୋଗ ଦେଇଥିଲେ । ସେଠାରୁ ଫେରି ସେ ସମ୍ବଲପୁରର ସହର ମଫସଲ ସବୁଆଡ଼େ ଅସହଯୋଗର ବାର୍ତ୍ତା ପ୍ରଚାର କଲେ । ଏଠାରେ ତାଙ୍କ ଯୋଗୁଁ ଅସହଯୋଗ ଆନ୍ଦୋଳନ ଖୁବ୍ ସଫଳ ହୋଇଥିଲା । ଚନ୍ଦ୍ରଶେଖରଙ୍କ ଚେଷ୍ଟାରେ ସମ୍ବଲପୁର ଜାତୀୟ ବିଦ୍ୟାଳୟ ଖୋଲିଥିଲା । ପଣ୍ଡିତ ନୀଳକଣ୍ଠ ଦାସ ସେହି ଜାତୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୋଇଥିଲେ । ଏ ବିଷୟରେ ନିଜେ ନୀଳକଣ୍ଠ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଯେ, ୧୯୨୧ ମସିହାରେ ସେ ସମ୍ବଲପୁର ଠାରୁ ସିଧା ରାଜନୈତିକ ଜୀବନ ଆରମ୍ଭ କରିଥିଲେ ।

ଚନ୍ଦ୍ରଶେଖରଙ୍କ ଚେଷ୍ଟାରେ ଉତ୍କଳ ସମ୍ମିଳନୀ କଂଗ୍ରେସର କାର୍ଯ୍ୟକ୍ରମକୁ ଗ୍ରହଣ କରିଥିଲା । ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ପ୍ରଥମ ସଭାପତି ଭାବରେ ସେ ଉଭୟ ରାଜ୍ୟ ଓ ଜିଲ୍ଲା ସ୍ତରରେ ଭାରତୀୟ ଜାତୀୟ କଂଗ୍ରେସର ଅନ୍ୟତମ ପ୍ରତିଷ୍ଠାତା ହୋଇଥିଲେ । ଚନ୍ଦ୍ରଶେଖରଙ୍କ ବଳିଷ୍ଠ ବ୍ୟକ୍ତିତ୍ୱରେ ସମସ୍ତେ ପ୍ରଭାବିତ ହୋଇଥିଲେ । ତାଙ୍କର ଦୃଢ଼ ନେତୃତ୍ୱ ଯୋଗୁଁ ସମ୍ବଲପୁର ଅଞ୍ଚଳରେ ଅସହଯୋଗ ଆନ୍ଦୋଳନ ଖୁବ୍ ବ୍ୟାପକ ହୋଇଥିଲା । ସାରାଦେଶରେ ସମ୍ବଲପୁରର ସାଫଲ୍ୟ ଚମକ ସୃଷ୍ଟି କରିଥିଲା ।

ସମ୍ବଲପୁରର ଅବସ୍ଥା ନିଜ ଆଖିରେ ଦେଖିବାକୁ ଭାରତର ଅନ୍ୟ ସ୍ଥାନମାନଙ୍କରୁ କଂଗ୍ରେସର ନେତା ଓ ସମ୍ବାଦପତ୍ରର ସାମ୍ବାଦିକମାନେ ଆସି ବିବରଣୀ ସଂଗ୍ରହ କରିଥିଲେ । କଲିକତାର 'ସର୍ଭେଣ୍ଟ' ପତ୍ରିକାର ସଂପାଦକ ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀ ଓ ବଙ୍ଗଳାର

Digitized by srujanika@gmail.com

ବିଶିଷ୍ଟ କଂଗ୍ରେସ ନେତା ସତୀଶ ଚନ୍ଦ୍ର ଦାସଗୁପ୍ତା ସମ୍ବଲପୁର ଆସିଥିଲେ । ଏଠାରେ ଅବସ୍ଥା ନିଜେ ଅନୁଧ୍ୟାନ କରି ସଫଳତା ବିବରଣୀ ଜାଣି ତାହା ସେମାନେ ସମ୍ବାଦପତ୍ରରେ ପ୍ରକାଶ କରିଥିଲେ ।

ଏବେ ସମ୍ବଲପୁରରେ ଯେଉଁଠି ପ୍ରେଜର କ୍ଲବ, ସେଠାରେ ପ୍ରଥମେ ଆରମ୍ଭ ହୋଇଥିଲା ଏକ ଜାତୀୟ ବିଦ୍ୟାଳୟ । ପଣ୍ଡିତ ନୀଳକଣ୍ଠ ଦାସ ଏହାର ପ୍ରଧାନ ଶିକ୍ଷକ ହେଲେହେଁ ସେ ଥିଲେ ଚନ୍ଦ୍ରଶେଖରଙ୍କ ଅତିଥି । ଜାତୀୟ ବିଦ୍ୟାଳୟଟି ଚନ୍ଦ୍ରଶେଖରଙ୍କ ସାହାଯ୍ୟ ସହଯୋଗରେ ଗଢ଼ି ଉଠିଥିଲା । ସାଧାରଣ ଲୋକଙ୍କଠାରୁ ଚନ୍ଦ୍ରଶେଖର ଚାନ୍ଦାଭେଦାଠାରୁ ଆରମ୍ଭ କରି ସ୍କୁଲର ବ୍ୟବହାର ପାଇଁ ଟେବୁଲ, ଚଉକି, ଆଲମାରୀ ଆଦି ସଂଗ୍ରହ କରିଥିଲେ । ସେ ନିଜର ବହିପତ୍ର ମଧ୍ୟ ସେହି ସ୍କୁଲକୁ ଦେଇଥିଲେ ।

୧୯୨୭ ମସିହାରେ ଡଃ ହରେକୃଷ୍ଣ ମହତାବଙ୍କ "ପଲାସି ଅବସାନେ"ପୁସ୍ତକଟି ଇଂରେଜ ସରକାର ବାଜ୍ୟାପ୍ତ କରିଥିଲେ । ସେତେବେଳେ ଚନ୍ଦ୍ରଶେଖର ଏଠାରେ ସଭା କରି ସରକାରଙ୍କ ଏହି କାର୍ଯ୍ୟର ପ୍ରତିବାଦ କରିଥିଲେ ।

ଆନ୍ଦୋଳନର ଅଗ୍ନି ସାରା ସମ୍ବଲପୁର ଅଞ୍ଚଳରେ ଜଳି ଉଠିଥିଲା । ବହୁଛାତ୍ର ଜିଲ୍ଲାସ୍କୁଲ ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଇଂରେଜ ସରକାରଙ୍କ ଆସନ ଟଳମଳ ହୋଇ ପଡ଼ିଥିଲା । ଯେଉଁ ସ୍ୱାଧୀନଚେତା ଓ ବୁଦ୍ଧିମାନ ଛାତ୍ର ବିଦ୍ୟାଳୟ ଛାଡ଼ିଦେଲେ ବା ଯେଉଁମାନଙ୍କୁ ବିଦ୍ୟାଳୟରୁ ବିଦା କରିଦିଆଗଲା, ସେମାନଙ୍କ ପାଇଁ ଏହି ଜାତୀୟ ବିଦ୍ୟାଳୟରେ ପଢ଼ାପଢ଼ିର ବ୍ୟବସ୍ଥା

Digitized by srujanika@gmail.com

କରାଗଲା । ସେହି ବିଦ୍ୟାଳୟରେ ଯେଉଁ ଛାତ୍ରମାନେ ଅଧ୍ୟୟନ କରୁଥିଲେ ସେମାନଙ୍କ ମଧ୍ୟରେ ନୃସିଂହ ଗୁରୁ ଓ ଲକ୍ଷ୍ମୀନାରାୟଣ ମିଶ୍ର ପ୍ରଭୃତି ସ୍ୱାଧୀନତା ସଂଗ୍ରାମୀମାନେ ପ୍ରଧାନ । ନୃସିଂହ ଗୁରୁ ସ୍ୱାଧୀନତା ସଂଗ୍ରାମରେ କେବଳ ଝାସ ଦେଇ ନଥିଲେ, କଂଗ୍ରେସର ନୀତି ଓ ଗାନ୍ଧିଜୀଙ୍କ କଥାକୁ ଖୁବ୍ ନିଷ୍ଠାର ସହ ପାଳନ କରୁଥିଲେ । ନୃସିଂହ ଗୁରୁଙ୍କୁ ସେଥିପାଇଁ ''ସମ୍ବଲପୁରର ଗାନ୍ଧିଜୀ'' କୁହାଯାଉଥିଲା । ସେମିତି ଲକ୍ଷ୍ମୀନାରାୟଣ ମିଶ୍ର ମଧ୍ୟ ଲୋକମାନଙ୍କର

Digitized by srujanika@gmail.com

ସୁଖଦୁଃଖରେ ଭାଗୀ ହୋଇଥିଲେ । ସ୍ୱାଧୀନତା ଲାଭ ପରେ ସେ ସମାଜର ବହୁ ସେବା କରିଥିଲେ । ଲୋକଙ୍କର ପ୍ରତିନିଧି ହୋଇ ଓଡ଼ିଶା ବିଧାନସଭାରେ ଓ ବାହାରେ ବହୁବର୍ଷ ପାଇଁ କାର୍ଯ୍ୟ କରିଥିଲେ ।

ପଣ୍ଡିତ ନୀଳକଣ୍ଠ ଚନ୍ଦ୍ରଶେଖରଙ୍କ ସଂପର୍କରେ ଲେଖିଛନ୍ତି, ''ଏବେ ସମ୍ବଲପୁର ଷ୍ଟେସନରେ ଲୋକେ ଅପେକ୍ଷା କରିଛନ୍ତି । ଲୋକେ ମଧ୍ୟ ଖଣ୍ଡେ ମଟରକାର୍ ଆଣିଥିଲେ । ସେଇଠାରୁ ବିରାଟ ଶୋଭାଯାତ୍ରାରେ ସମସ୍ତ ସମ୍ବଲପୁର ବୁଲିଥିଲୁ । ଦ୍ୱାରେଦ୍ୱାରେ ଅଭ୍ୟର୍ଥନା । ଫୁଲମାଳ ଓ କିଏ ଚନ୍ଦନ ଦେଇ ମୁଣ୍ଡରେ ଚାଉଳ ପକାଉଥାଏ ଓ ଛଡ଼ା ନଡ଼ିଆ ଆଣି ମୁଣ୍ଡରେ ଲଗାଉଥାଏ । ଯୁବକମାନେ ଆସି ମୁଣ୍ଡରେ ଚନ୍ଦନ ସିନ୍ଦୂର ଦେଉଥାନ୍ତି । ସେ ଶୋଭାଯାତ୍ରାର ଦୃଶ୍ୟ ଭୁଲିବାର ନୁହେଁ । ଜୟଧ୍ୱନିର ସ୍ୱର ବରାବର ଉଠୁଥାଏ .... ମୋର ପ୍ରଥମ କାର୍ଯ୍ୟ ହେଉଛି ଚନ୍ଦ୍ରଶେଖର ବେହେରା ଓ ଧରଣୀଧର ମିଶ୍ର ପ୍ରଭୃତିଙ୍କୁ ଘେନି ସମ୍ବଲପୁର ଜିଲ୍ଲାରେ କଂଗ୍ରେସ କାର୍ଯ୍ୟ ଓ ସଙ୍ଗେ ସଙ୍ଗେ ସମ୍ବଲପୁରରେ ଜାତୀୟ ବିଦ୍ୟାଳୟ ଆରମ୍ଭ କରିବା ।''

ଉପରେ ଦିଆଯାଇଥିବା ନୀଳକଣ୍ଠଙ୍କ ଲେଖାରୁ ସମ୍ବଲପୁରଠାରେ ଅସହଯୋଗ ଆନ୍ଦୋଳନ ଓ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା ସଂପର୍କରେ ଅନେକ କଥା ଜାଣିବାକୁ ମିଳେ । ମାତ୍ର ଏସବୁ ମୂଳରେ ଥିଲେ ଚନ୍ଦ୍ରଶେଖର । ତାଙ୍କ ସଙ୍ଗଠନ କୁଶଳତା ଓ ନିଷ୍ଠାପର କାର୍ଯ୍ୟ ଥିଲା ପ୍ରଶଂସନୀୟ । ତାଙ୍କ ସାହାଯ୍ୟରେ ନୀଳକଣ୍ଠ ସମ୍ବଲପୁର ଜିଲ୍ଲାରେ କଂଗ୍ରେସର ସ୍ୱାଧୀନତା ଆନ୍ଦୋଳନକୁ ସକ୍ରିୟ

Digitized by srujanika@gmail.com

କରିଥିଲେ । ସତ୍ୟବାଦୀ ଢାଞ୍ଚାରେ ସମ୍ବଲପୁରଠାରେ ଗୋଟିଏ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ଥିଲା ସେମାନଙ୍କ ଲକ୍ଷ୍ୟ । ପାଠ ପଢ଼ାଇବା ସହିତ ସେ ସମାଜସେବା କାର୍ଯ୍ୟ ମଧ୍ୟ କରୁଥିଲେ ।

"ସେବା" ନାମରେ ସମ୍ବଲପୁରଠାରୁ ଏକ ସାପ୍ତାହିକ ସମ୍ବାଦ୍ ପତ୍ର ପ୍ରକାଶିତ ହୋଇଥିଲା । ତା ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମର ଖବର ପ୍ରଚାର କରାଯାଉଥିଲା । ସେତେବେଳେ କୁହାଯାଉଥିଲା "ସ୍ୱରାଜ ଭାୟା ଅଲବଦ୍ ହୋଗା, ଛୋଡକେ ଆଓ ଗୋଲାମି "(ଭାଇମାନେ, ସ୍ୱରାଜ ନିଶ୍ଚୟ ମିଳିବ, ଚାକିରି ଛାଡ଼ି ସମସ୍ତେ ଚାଲିଆସ) । ଏହିପରି ସ୍ଲୋଗାନ ଦେଇ ଓ ଜାତୀୟତାମୂଳକ ଗୀତ ଗାଇ ସ୍କୁଲ ପିଲାମାନେ ସ୍କୁଲ ଛାଡ଼ିଲେ । କର୍ମଚାରୀମାନେ କଚେରି ଅଫିସ ଆଦି ଛାଡ଼ିଲେ । ସେଇ ଆନ୍ଦୋଳନ ସମ୍ବଲପୁରଠାରେ ଏତେ ଜୋର ହେଲା ଯେ, କଲିକତାର ପ୍ରସିଦ୍ଧ ଇଂରେଜ ଦୈନିକ ସମ୍ବାଦପତ୍ର 'ଷ୍ଟେଟ୍‌ସମ୍ୟାନ୍' ତାର ବିସ୍ତୃତ ବିବରଣୀ ଛାପିଥିଲା । ସାରାଦେଶରେ ଏହା ଅପୂର୍ବ ଆଲୋଡ଼ନ ଆଣିଥିଲା ।

୧୯୨୮ ମସିହା ଥିଲା ସମ୍ବଲପୁର ପାଇଁ ଏକ ସୌଭାଗ୍ୟର ବର୍ଷ । ସେଇ ବର୍ଷ ମହାତ୍ମା ଗାନ୍ଧି ଓଡ଼ିଶାକୁ ଆସିଥିଲେ । ଅସହଯୋଗ ଅନ୍ଦୋଳନରେ ସମସ୍ତେ ଯୋଗଦିଅନ୍ତୁ କହି ସେ ସାରା ଦେଶରେ ପଦଯାତ୍ରା କରୁଥିଲେ । ବୁଢ଼ାରାଜା ପାହାଡ଼ର ସବୁଜ ସୁନ୍ଦର କୋଳରେ ଏକ ପ୍ରକାଣ୍ଡ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସେହି ସଭାରେ ଗାନ୍ଧିଜୀ ସମ୍ବଲପୁରବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ସମ୍ବଲପୁର ରହଣିକାଳ ମଧ୍ୟରେ ସେ ଚନ୍ଦ୍ରଶେଖରଙ୍କ

Digitized by srujanika@gmail.com

ଘରେ ଅତିଥି ହୋଇ ରହିଥିଲେ। ଇଂରେଜ ସରକାରଙ୍କ ନାଲିଆଖିକୁ ଚନ୍ଦ୍ରଶେଖର ଖାତିର କରୁ ନଥିଲେ।

୧୯୩୦ ମସିହାରେ ଗାନ୍ଧିଜୀ ସାରା ଦେଶରେ ଲବଣ ସତ୍ୟାଗ୍ରହ ଆରମ୍ଭ କରି ଦେଇଥିଲେ। ଏହି ସମୟରେ ତାଙ୍କର ଦାଣ୍ଡିଯାତ୍ରା ଥିଲା ଏକ ଚମକପ୍ରଦ ଘଟଣା। ହଜାର ହଜାର ଲୋକଙ୍କୁ ସାଥିରେ ନେଇ ସେ ଶହ ଶହ କିଲୋମିଟର ପାଦରେ ଚାଲିଚାଲି ସମୁଦ୍ର କୂଳରେ ଥିବା ଦାଣ୍ଡିକୁ ଯାଇଥିଲେ। ସେହି ସମୟରେ ସମ୍ବଲପୁରରେ ଜନଜାଗରଣ ସୀମା ଟପିଥିଲା। ଏଥିପାଇଁ ଚନ୍ଦ୍ରଶେଖରଙ୍କ କାର୍ଯ୍ୟ ଓ ନିଷ୍ଠା ଥିଲା ସବୁଠୁ ବେଶି। ଅଫିସଗୁଡ଼ିକର କର୍ମଚାରୀଙ୍କଠାରୁ ଆରମ୍ଭ କରି ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କ ଯାଏ ସମସ୍ତଙ୍କ ମଧ୍ୟରେ ସେ ଅପୂର୍ବ ଦେଶପ୍ରେମ ସୃଷ୍ଟି କରିଥିଲେ। ତାହାଙ୍କ ଉଦ୍ୟମରେ ସତ୍ୟାଗ୍ରହ, ଆଇନ ଅମାନ୍ୟ, ନିଶାନିବାରଣ, ଖଦ୍ଦଣା ବନ୍ଦ, ମଦ ଦୋକାନ ଆଗରେ ଧାରଣା ଦେବା ଆଦି କାର୍ଯ୍ୟକ୍ରମ ସଂଗଠିତ ହୋଇଥିଲା। ସେତେବେଳେ ପରବର୍ତ୍ତୀ କାଳର ନେତା ଡକ୍ଟର ଶ୍ରଦ୍ଧାକର ସୂପକାର ଥିଲେ ସ୍କୁଲ ଛାତ୍ର।

ଡଃ ସୂପକାର ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଯେ, ମାଟ୍ରିକ ପଢୁଥିଲାବେଳେ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ଏହା ଥିଲା ଚନ୍ଦ୍ରଶେଖରଙ୍କ ପ୍ରେରଣା। ପାଠପଢ଼ା ମଧ୍ୟରେ ସେ ସ୍ୱାଧୀନତା ଲଢେଇର ବାର୍ତ୍ତା ପ୍ରଚାର କରୁଥିଲେ। ରବିବାର ଓ ଛୁଟିଦିନଗୁଡ଼ିକରେ ବିଭିନ୍ନ ରାସ୍ତା ଓ ଗଳିକନ୍ଦିରେ ବୁଲି ଖଦଡ଼ ଲୁଗା ବିକ୍ରି କରୁଥିଲେ। ବୁଲାବିକାଳିଙ୍କ ପରି ଦୁଇଥାନ ଖଦିଲୁଗା ଧରି ଆଉ କାନ୍ଧରେ ପକାଇ "ସ୍ୱଦେଶୀ କପଡ଼ା" ବୋଲି

Digitized by srujanika@gmail.com

ଡାକି ଡାକି ବଜାର ଘାଟରେ ଯାଉଥିଲେ । ଚନ୍ଦ୍ରଶେଖରଙ୍କ ଶିକ୍ଷାରେ ପଡ଼ି ସେ ମଦଦୋକାନ ଆଗରେ ଧାରଣା ଦେଉଥିଲେ । ଏଥିପାଇଁ ସେ ପୋଲିସଠାରୁ ମାଡ଼ଗାଳି ସହିଥିଲେ । କଂଗ୍ରେସ କର୍ମୀମାନଙ୍କ ସହିତ ସେ ସତ୍ୟାଗ୍ରହରେ ଯୋଗ ଦେଇଥିଲେ ।

ସମାଜ ସଂସ୍କାରକ

ଚନ୍ଦ୍ରଶେଖର ଥିଲେ ଜଣେ ଟାଣୁଆ ସମାଜ ସଂସ୍କାରକ । ଆମ ସମାଜରେ ଥିବା ଯୁଗଯୁଗର ଅନ୍ଧବିଶ୍ୱାସ, ଭୁଲ ଧାରଣାଗୁଡ଼ିକୁ ଦୂର କରିବାକୁ ସେ ଅଣ୍ଟାଭିଡ଼ି ବାହାରିଥିଲେ । ସମ୍ବଲପୁର ଅଞ୍ଚଳରେ

Digitized by srujanika@gmail.com

ବ୍ରାହ୍ମଣମାନେ ବିଲରେ ହଳ କରୁ ନଥିଲେ, ହରିଜନମାନଙ୍କୁ ଛୁଉଁ ନଥିଲେ । ମାତ୍ର ଚନ୍ଦ୍ରଶେଖର ବ୍ରାହ୍ମଣ ହେଲେହେଁ ବିଲକୁ ଯାଇ ହଳ କରିଥିଲେ । ହରିଜନମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ବ୍ରାହ୍ମଣମାନେ ବାରଣ କରୁଥିଲେ । ଚନ୍ଦ୍ରଶେଖର ସାଥିରେ ସେମାନଙ୍କୁ ନେଇ ମନ୍ଦିର ଭିତରରେ ଯାଇଥିଲେ । ସେମିତି ହରିଜନମାନେ କୂଅପୋଖରୀରୁ ପାଣି ନେବା ମନା ଥିଲା । ମାତ୍ର ଚନ୍ଦ୍ରଶେଖର ନିଜେ ଆଗୁଆ ହୋଇ ବାହାରି ଏସବୁ କୁସଂସ୍କାର ଦୂର କରିଥିଲେ ।

୧୯୨୧ ରୁ ୧୯୩୨ ମସିହା ଯାଏ ସେ ଚାରିଥର ସମ୍ବଲପୁର ନଗରପାଳ ହୋଇଥିଲେ । ନଗରପାଳ ଭାବରେ ଚନ୍ଦ୍ରଶେଖର ଥିଲେ ପ୍ରଥମ ଓଡ଼ିଆ । ଏହି ସମୟ ମଧ୍ୟରେ ସେ ମହାତ୍ମା ଗାନ୍ଧିଙ୍କର ଜନ୍ମ ଦିନକୁ ପୌର ସଭାର ଛୁଟିଦିନ ଭାବରେ ଘୋଷଣା କରିଥିଲେ । ଇଂରେଜ ସରକାର ଦେଶରେ ଶାସନ କରୁଥିଲାବେଳେ ଗାନ୍ଧିଜୀଙ୍କ ଜନ୍ମଦିନ ପାଳିବା କମ୍ ସାହସ ଓ ମନୋବଳର କଥା ନ ଥିଲା ।

ସମ୍ବଲପୁର ଅଞ୍ଚଳରେ ଶିକ୍ଷାର ପ୍ରସାର ଆଶାନୁରୂପ ହୋଇ ନଥିଲା । ସ୍କୁଲ କଲେଜ ଆଦିର ସୁବିଧା ନଥିଲା । ଚନ୍ଦ୍ରଶେଖର ବୁଝିଥିଲେ ଶିକ୍ଷା ସବୁ ଉନ୍ନତିର ଚାବିକାଠି । ସମସ୍ତଙ୍କୁ ସେ ଏହା ବୁଝାଇବାକୁ ଚେଷ୍ଟା କରିଥିଲେ । ସମ୍ବଲପୁର ସହର ଓ ଗାଁ ଗଣ୍ଡାରେ ସେ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟମାନ ବସାଇଥିଲେ । ଓଡ଼ିଶାରେ ସେତେବେଳେ ଆଦୌ ବିଶ୍ୱବିଦ୍ୟାଳୟ ନଥିଲା । ସେଥିଯୋଗୁଁ ଉଚ୍ଚଶିକ୍ଷା ବାଧାପ୍ରାପ୍ତ ହେଉଥିଲା ବୋଲି ସେ

Digitized by srujanika@gmail.com

କହୁଥିଲେ । ତେଣୁ ସେ ସମ୍ବଲପୁରରେ କଲେଜ ଓ ଓଡ଼ିଶାରେ ଏକ ବିଶ୍ୱବିଦ୍ୟାଳୟ ବସାଇବାର ସ୍ୱପ୍ନ ଦେଖିଥିଲେ । ଶିକ୍ଷା ପ୍ରସାରରେ ତାଙ୍କର ବିଶେଷ ଆଗ୍ରହଥିବାରୁ ସମ୍ବଲପୁର ଜିଲ୍ଲା ସ୍କୁଲ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ନାମରେ ୧୯୫୨ ମସିହାଠାରୁ ନାମିତ ହୋଇଛି ।

ଏହି ମହାନ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ ଓ ଜନନେତା ଚନ୍ଦ୍ରଶେଖର ୧୯୩୬ ମସିହା ଜାନୁୟାରୀ ମାସ ୨୩ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଓଡ଼ିଆ ଭାଷାର ସୁରକ୍ଷା ଓ ଜାତୀୟତାର ବିକାଶ, ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ, ସ୍ୱାଧୀନତା ଆନ୍ଦୋଳନ ଆଦି କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ ହୋଇ ରହିବ । ତାଙ୍କ ମୃତ୍ୟୁର ମାତ୍ର ଦୁଇ ମାସ ପରେ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ଚନ୍ଦ୍ରଶେଖର ଥିଲେ ଯଥାର୍ଥରେ ଓଡ଼ିଆ ଜାତିର ଜଣେ ସୁଯୋଗ୍ୟ ସନ୍ତାନ । ସଂଗ୍ରାମୀ ନେତା ଭାବରେ ସେ ସର୍ବଦିନ ପୂଜ୍ୟ ଓ ଅମର ହୋଇ ରହିବେ ।

****

Digitized by srujanika@gmail.com